# ତହସିଲ କାର୍ଯ୍ୟାଳୟ, ତିର୍ତ୍ତୋଲ

## ବିଜ୍ଞାପନ

ନଂ 660 ତା 01-03-2023

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି, ଦିଗବାରୁଣୀ ଠାକୁରାଣୀ, ଗଇଠିପୁର ଅନୁଷ୍ଠାନର ନିମ୍ନଲିଖିତ ସଇରାତ ଉତ୍ସ ଗୁଡିକୁ ଆଗାମୀ 2023-24 ଆର୍ଥିକ ବର୍ଷ ପାଇଁ ନିଲାମ ପ୍ରକ୍ରିୟା ମାଧ୍ୟମରେ ଅନୁମତି ପ୍ରଦାନ କରାଯିବ । ଇଛୁକ ଆବେଦନକାରୀ ତା 03.03.2023 ରିଖ ଠାରୁ ତା 15.03.2023 ରିଖ ମଧ୍ୟରେ ମନ୍ଦିର କାର୍ଯ୍ୟାଳୟରେ ଟ. 30.00 (ତିରିଶ ଟଙ୍କା) ମାତ୍ର ଦାଖଲ କରି ନିଲାମ ଆବେଦନପତ୍ର ଏବଂ ତତ ସଂବନ୍ଧୀୟ ସର୍ତ୍ତାବଳୀ ସଂଗ୍ରହ କରିପାରିବେ। ନିଲାମ ସମ୍ବନ୍ଧୀୟ ସମସ୍ତ ସୂଚନା ସର୍ତାବଳୀରେ ଉପଲବ୍ଧ ରହିଛି । ଧାର୍ଯ୍ୟ ଦିବସ ପରେ କୌଣସି ଆବେଦନ ପତ୍ର ପ୍ରଦାନ କରାଯିବ ନାହିଁ ।

ପ୍ରକାଶ ଥାଉକି ନିଲାମ ପ୍ରକିୟାରେ ଅନ୍ତର୍ଭୁକ୍ତ ହୋଇନଥିବା କୌଣସି ସାମଗ୍ରୀ ସାଧାରଣ ଦିବସମାନଙ୍କରେ ଅନୁଷ୍ଠାନ ପରିସରରେ ବିକ୍ରୟ କରାଯାଇପାରିବେ ନାହିଁ ।

ଆବଶ୍ୟକ ସ୍ଥଳେ କର୍ତ୍ତୃପକ୍ଷ ଆବେଦନପତ୍ର ପ୍ରଦାନ ଧାର୍ଯ୍ୟ ସମୟସୀମା ବୃଦ୍ଧି କରିପାରିବେ, ବିଜ୍ଞାପନକୁ ରଦ୍ଦ କରି ପୁନଃ ବିଜ୍ଞାପନ କରିପାରିବେ ଅଥବା ସମ୍ପୂର୍ଣ୍ଣ ରଦ୍ଦ କରିପାରିବେ । ଏ ସଂକ୍ରାନ୍ତରେ କୌଣସି ଆଇନ ଅଦାଲତର ଆଶ୍ରୟ ନିଆଯାଇପାରିବ ନାହିଁ ।

ସ୍ୱାଃ-

ତହସିଲଦାର, ତିର୍ତ୍ତୋଲ ଏବଂ ଇଣ୍ଟରିମ୍ ଟ୍ରଷ୍ଟି
ଦିଗବାରୁଣୀ ଠାକୁରାଣୀ, ଗଇଠିପୁର

ସଇରାତଗୁଡିକର ବିବରଣୀ:

1. ଶୁଖିଲା ଭୋଗ ଦୋକାନ।
2. ଘିଅ ଦୀପ , ଧୂପ, ଶଙ୍ଖା, ଶାଢୀ ଓ ସିନ୍ଦୁର ଦୋକାନ
3. ସୁନା ଏବଂ ରୂପା ନିର୍ମିତ ଚକ୍ଷୁ ଓ ଚିତା ଦୋକାନ
4. ଫୁଲ ଦୋକନ
5. ଫଟୋ ଏବଂ ମାଳୀ ଇତ୍ୟାଦି ଦୋକାନ ।
6. ତିନିଚକିଆ ଓ ଚାରିଚକିଆ ଗାଡି ପାର୍କିଂ ।
7. ମାଛ ପୋଖରୀ।

ଏହାର ଏକାକିତା ନକଲ ଦିଗବାରୁଣୀ ଠାକୁରାଣୀ ବିଜେ ଗଇଠିପୁର ବିଜ୍ଞାପନ ଫଳକ/ ତିର୍ତ୍ତୋଲ ତହସିଲ୍ କାର୍ଯ୍ୟାଳୟ ବିଜ୍ଞାପନ ଫଳକ/ ଜିଲ୍ଲା ୱେବ ସାଇଟରେ ଉପଲବ୍ଧ କରିବା ପାଇଁ District Informatics Officer, NIC, Jagatsingpur ଙ୍କ ନିକଟକୁ ପ୍ରେରଣ କରାଗଲା

ତହସିଲଦାର, ତିର୍ତ୍ତୋଲ ଏବଂ ଇଣ୍ଟରିମ୍ ଟ୍ରଷ୍ଟି
ଦିଗବାରୁଣୀ ଠାକୁରାଣୀ, ଗଇଠିପୁର

# ଦିଗବାରୁଣୀ ଠାକୁରାଣୀ, ଗଇଠିପୁର

## ଥାନା-କୃଷ୍ଣାନନ୍ଦପୁର, ଜିଲ୍ଲା-ଜଗତ୍‌ସିଂହପୁର

ଇଣ୍ଡେକ୍ସ ନଂ-୩୪୦-ସି (ଏମ୍)

## ୨୦୨୩-୨୪ ଆର୍ଥିକ ବର୍ଷର
## ନିଲାମ ସମ୍ବନ୍ଧୀୟ ସର୍ତ୍ତାବଳୀ

ବ୍ୟବସାୟ ଓ ସର୍ବନିମ୍ନ ଆବେଦନ ରାଶି

| | | |
|---|---|---|
| ୧. | ଶୁଖିଲା ଭୋଗ ଦୋକାନ | ଟ. ୧,୭୧,୭୯୦.୦୦ |
| ୨. | ଘିଅ, ଦୀପ, ଧୂପ, ଶଙ୍ଖା, ଶାଢ଼ୀ ଓ ସିନ୍ଦୂର ଦୋକାନ | ଟ. ୧,୫୦,୧୬୦.୦୦ |
| ୩. | ଫୁଲ ଦୋକାନ | ଟ. ୨୩,୮୮୦.୦୦ |
| ୪. | ଚକ୍ଷୁ ଓ ଚିତା ଦୋକାନ | ଟ. ୫୮,୬୩୦.୦୦ |
| ୫. | ଫଟୋ ଏବଂ ମାଳିତ ଇତ୍ୟାଦି ଦୋକାନ | ଟ. ୪୭,୪୪୦.୦୦ |
| ୬. | ଚାରିଚକିଆ ଗାଡ଼ି ପାର୍କିଂ | ଟ. ୧୭,୫୮୦.୦୦ |
| ୭. | ମାଛ ପୋଖରୀ | ଟ. ୭,୦୨୦.୦୦ |

- ଆବେଦନକାରୀ ଆବେଦନପତ୍ର ସଠିକ୍ ଭାବରେ ପୂରଣ କରିବା ସହିତ ନିଜର ପୂର୍ଣ୍ଣ ଡାକ ଠିକଣା ଲେଖାଥିବା ବନ୍ଦ ଲଫାପା ମାଧ୍ୟମରେ ତା ୦୩.୦୩.୨୦୨୩ ରିଖଠାରୁ ତା ୧୫.୦୩.୨୦୨୩ ରିଖ ଅପରାହ୍ନ ୧ ଘଟିକା ମଧ୍ୟରେ ଯେକୌଣସି କାର୍ଯ୍ୟ ଦିବସରେ ତହସିଲଦାର, ତିର୍ତ୍ତୋଲଙ୍କ କାର୍ଯ୍ୟାଳୟରେ ରଖାଯାଇଥିବା ନିଲାମ ବାକ୍ସରେ ପକାଇ ଆବେଦନ କରିପାରିବେ ।
- ଧାର୍ଯ୍ୟ ଦିବସ ଏବଂ ସମୟ ଅତିବାହିତ ହୋଇଯିବାପରେ କୌଣସି ନିଲାମ ଆବେଦନପତ୍ର ଗ୍ରହଣ କରାଯିବ ନାହିଁ ।
- ତା ୧୫.୦୩.୨୦୨୩ ରିଖ ଅପରାହ୍ନ ୨ ଘଟିକା ସମୟରେ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ନିଲାମବାକ୍ସ ଖୋଲାଯିବ । ଉକ୍ତ ସମୟରେ ଆବେଦନକାରୀ ଅଥବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଉପସ୍ଥିତ ରହିପାରିବେ ।
- ସର୍ବନିମ୍ନ ଆବେଦନ ରାଶିଠାରୁ କମ୍ ଅର୍ଥବା ସର୍ବନିମ୍ନ ରାଶି ଦରଜ ହୋଇଥିବା ଆବେଦନପତ୍ର ବିଚାରକୁ ନିଆଯିବ ନାହିଁ ।
- ନିର୍ଦ୍ଦିଷ୍ଟ ବ୍ୟବସାୟ ପାଇଁ ସର୍ବାଧିକ ରାଶି ଦରଜ କରିଥିବା ଆବେଦନକାରୀଙ୍କୁ ଅଗ୍ରାଧିକାର ଭିତ୍ତିରେ ବ୍ୟବସାୟ ପାଇଁ ଅନୁମତି ପ୍ରଦାନ କରାଯିବ ।
- କୌଣସି କାରଣ ବଶତଃ ସର୍ବାଧିକ ରାଶି ଦରଜ କରିଥିବା ଆବେଦନକାରୀ ବ୍ୟବସାୟ କରିବା ପାଇଁ ଅନିଚ୍ଛା ପ୍ରକାଶ କଲେ, ଦେୟ ଦାଖଲ କରିବାରେ ଅସମର୍ଥ ହେଲେ ଅଥବା କର୍ତ୍ତୃପକ୍ଷଙ୍କ ବିଚାରରେ ଅଯୋଗ୍ୟ ବିବେଚିତ ହେଲେ ପରବର୍ତ୍ତୀ ରାଶି ଦରଜ କରିଥିବା ଆବେଦନକାରୀଙ୍କୁ ଅନୁମତି ପ୍ରଦାନ କରାଯିବ ।
- ନିର୍ଦ୍ଦିଷ୍ଟ ବ୍ୟବସାୟ ପାଇଁ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିବେଚିତ ଯୋଗ୍ୟ ଆବେଦନକାରୀ ଉକ୍ତଦିନ ନିଲାମର ସମସ୍ତ ଦେୟ ପଇଠ କରିବା ସହିତ ନିଲାମ ସମ୍ବନ୍ଧୀୟ ସର୍ତ୍ତାବଳୀ ଆଧାରରେ ଏକ ଏଗ୍ରିମେଣ୍ଟ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବେ ।
- ନିଲାମଧାରୀଙ୍କୁ ତା ୦୧.୦୪.୨୦୨୩ ରିଖ ଠାରୁ ତା ୩୧.୦୩.୨୦୨୪ ରିଖ ପର୍ଯ୍ୟନ୍ତ ଅନୁଷ୍ଠାନ ପରିସରରେ ବ୍ୟବସାୟ କରିବା ପାଇଁ ଅନୁମତି ପ୍ରଦାନ କରାଯିବ । (ମାଛ ଚାଷ ବ୍ୟତୀତ)
- ଆବଶ୍ୟକ ସ୍ଥଳେ କର୍ତ୍ତୃପକ୍ଷ କୌଣସି କାରଣ ନଦର୍ଶାଇ ଧାର୍ଯ୍ୟ ନିଲାମ ତାରିଖର ପରିବର୍ତ୍ତନ ଅଥବା ନିଲାମକୁ ସମ୍ପୂର୍ଣ୍ଣ ରଦ୍ଦ କରିପାରିବେ । ଏ ସଂକ୍ରାନ୍ତରେ କୌଣସି ଆଇନ୍ ଅଦାଲତର ଆଶ୍ରୟ ନିଆଯାଇପାରିବ ନାହିଁ ।

### ଭିନ୍ନ ଭିନ୍ନ ବ୍ୟବସାୟ ପାଇଁ ସର୍ତ୍ତାବଳୀ

**ଶୁଖିଲା ଭୋଗ ଦୋକାନ :**

- ଶୁଖିଲା ଭୋଗ ବିକ୍ରୟ ପାଇଁ ଅନୁଷ୍ଠାନ ପରିସରରେ ଗୋଟିଏ ସ୍ଥାୟୀ ଗୃହ ବିନାମୂଲ୍ୟରେ ଯୋଗାଇ ଦିଆଯିବ ।
- ଶୁଖିଲା ଭୋଗ ଭାବରେ ମୁଖ୍ୟତଃ ନଡ଼ିଆକୋରା, ସୁଜିଲଡୁ, ବେସନଲଡୁ, ଖୁଆପେଡା, ଫେଣୀ, ଡାଲିଗଜା, କନ୍ଦ ଏବଂ ଉଖୁଡ଼ା ଇତ୍ୟାଦି ବିକ୍ରୟ କରାଯିବ ।
- ଏତଦ୍ ଭିନ୍ନ ଅନ୍ୟ କୌଣସି ସାମଗ୍ରୀ ଭୋଗ ଭାବରେ ବିକ୍ରୟ କରାଯିବ ନାହିଁ ।
- ଭୋଗ ଦୋକାନରେ ପଲିଥିନ୍‌ର ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ ଅଟେ ।
- ଭୋଗ ବ୍ୟବସାୟୀ ମା'ଙ୍କର ପ୍ରତିଦିନର ପ୍ରାତଃ ମାର୍ଜନା କନ୍ଦ, ସନ୍ଧ୍ୟା ଭୋଗ, ରବିବାର ସୂର୍ଯ୍ୟପୂଜା ଭୋଗ ଏବଂ ଆଶ୍ୱିନ୍ୟ ଓ ଚୈତ୍ର ମାସର ଚଣ୍ଡିଭୋଗ ନିଜର ଶକ୍ତି ମତେ ଅନୁଷ୍ଠାନକୁ ବିନା ମୂଲ୍ୟରେ ଯୋଗାଇବେ ।

10

- ତାଳପତ୍ରରେ ପ୍ରସ୍ତୁତ ହୋଇଥିବା ଡାଲାରେ ମୁଖ୍ୟତଃ ଭୋଗ ସାମଗ୍ରୀ ବିକ୍ରୟ କରାଯିବ ।
- ଆବଶ୍ୟକ ସ୍ଥଳେ ମାଟି ନିର୍ମିତ ପାତ୍ର ବ୍ୟବହାର କରାଯାଇ ପାରିବ ।
- ଖଲିପତ୍ର ପ୍ରସ୍ତୁତ ଦନାରେ ଭୋଗ ବିକ୍ରୟ କରାଯାଇପାରିବ ନାହିଁ ।
- ଶୃଙ୍ଖଳା ଭୋଗର ମାନ ଏବଂ ମୂଲ୍ୟରେ ଶ୍ରଦ୍ଧାଳୁମାନେ ଅସନ୍ତୁଷ୍ଟ ପ୍ରକଟ କରି କୌଣସି ଆପତ୍ତି ଅଭିଯୋଗ ଉପସ୍ଥାପନା କଲେ କର୍ତ୍ତୃପକ୍ଷ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ । ଏପରିକି ନିଲାମଧାରୀଙ୍କ ଅନୁମତିକୁ ରଦ୍ଦ କରିବା ସହିତ ସମ୍ପୂର୍ଣ୍ଣ ନିଲାମ ରାଶି ବ୍ୟାଜ୍ୟାପ୍ତି କରିପାରିବେ । ଏ ସଂକ୍ରାନ୍ତରେ ନିଲାମଧାରୀ କୌଣସି ଆଇନ ଅଦାଲତର ଆଶ୍ରୟ ନେଇପାରିବେ ନାହିଁ ।

**ଘିଅ ଦୀପ, ଧୂପ, ଶଙ୍ଖା, ଶାଢ଼ୀ ଓ ସିନ୍ଦୂର ଦୋକାନ :**

- ଘିଅଦୀପ, ଧୂପ, ଶଙ୍ଖା, ଶାଢ଼ୀ ଓ ସିନ୍ଦୂର ବ୍ୟବସାୟ ପାଇଁ ଅନୁଷ୍ଠାନ ତରଫରୁ କୌଣସି ସ୍ଥାୟୀ ଗୃହ ଯୋଗାଇ ଦିଆଯିବ ନାହିଁ ।
- ବ୍ୟବହାର ହୋଇଥିବା ଦୀପ ପୁନଃ ବ୍ୟବହାର ହୋଇପାରିବ ନାହିଁ ।
- ଦୀପରେ ବନସ୍ପତି ଅଥବା ଗୁଆଘିଅ ବ୍ୟତିରେକ ଅନ୍ୟ କୌଣସି ପଦାର୍ଥ ବ୍ୟବହାର କରାଯିବ ନାହିଁ ।
- ଘିଅଦୀପ ସହିତ ଉକ୍ତ ବ୍ୟବସାୟୀ ଧୂପ, ଶଙ୍ଖା, ଶାଢ଼ୀ ଓ ସିନ୍ଦୂର ବିକ୍ରୟ କରିପାରିବେ ।

**ଚକ୍ଷୁ ଓ ଚିତା ଦୋକାନ :**

- ଚକ୍ଷୁ ଓ ଚିତା ଦୋକାନ ପାଇଁ ଅନୁଷ୍ଠାନ ତରଫରୁ କୌଣସି ସ୍ଥାୟୀ ଗୃହ ଯୋଗାଇ ଦିଆଯିବ ନାହିଁ ।
- ଚକ୍ଷୁ ଓ ଚିତା ମୁଖ୍ୟତଃ ସୁନା ଅଥବା ରୂପା ବ୍ୟତିତ ଅନ୍ୟ କୌଣସି ଧାତୁରେ ତିଆରି ହୋଇ ଅନୁଷ୍ଠାନ ପରିସରରେ ବିକ୍ରୟ କରାଯାଇପାରିବ ନାହିଁ ।
- ଧାତୁର ଶୁଦ୍ଧତା ଏବଂ ବିକ୍ରୟ ମୂଲ୍ୟରେ ଶ୍ରଦ୍ଧାଳୁମାନେ ଅସନ୍ତୁଷ୍ଟ ପ୍ରକଟକରି କୌଣସି ଆପତ୍ତି ଅଭିଯୋଗ କଲେ କର୍ତ୍ତୃପକ୍ଷ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ । ଏପରିକି ନିଲାମଧାରୀଙ୍କ ଅନୁମତି ରଦ୍ଦ କରିବା ସଙ୍ଗେ ସଙ୍ଗେ ସମ୍ପୂର୍ଣ୍ଣ ନିଲାମରାଶିକୁ ବ୍ୟାଜ୍ୟାପ୍ତି କରି ନୂତନ ବ୍ୟକ୍ତିଙ୍କୁ ବିକ୍ରୟ ପାଇଁ ଅନୁମତି ପ୍ରଦାନ କରିପାରିବେ । ଏ ସଂକ୍ରାନ୍ତରେ ନିଲାମଧାରୀ କୌଣସି ଆଇନ ଅଦାଲତର ଆଶ୍ରୟ ନେଇପାରିବେ ନାହିଁ ।

**ଫୁଲ ଦୋକାନ :**

- ଫୁଲହାର ବ୍ୟବସାୟ ପାଇଁ ଅନୁଷ୍ଠାନ ତରଫରୁ କୌଣସି ସ୍ଥାୟୀ ଗୃହ ଯୋଗାଇ ଦିଆଯିବ ନାହିଁ ।
- ଫୁଲ ଦୋକାନୀ ପ୍ରତ୍ୟେହ ମା' ଦିଗବାରୁଣୀ ଏବଂ ବାସୁଦେବଙ୍କୁ ଏକଗୋଟି କରି ଫୁଲହାର ବିନା ମୂଲ୍ୟରେ ଯୋଗାଇବେ ।

**ଫଟୋ ଏବଂ ମାଳୀ ଇତ୍ୟାଦି ଭେରାଇଟ୍ ଦୋକାନ :**

- ଫଟୋ ଏବଂ ମାଳୀ ଇତ୍ୟାଦି ବ୍ୟବସାୟ ପାଇଁ ଅନୁଷ୍ଠାନ ତରଫରୁ କୌଣସି ସ୍ଥାୟୀ ଗୃହ ଯୋଗାଇ ଦିଆଯିବ ନାହିଁ ।
- ଆବଶ୍ୟକ ସ୍ଥଳେ ସଂପୃକ୍ତ ବ୍ୟବସାୟୀ ଭଡ଼ା ସୂତ୍ରରେ ଅନୁଷ୍ଠାନ ପରିସରରୁ ଏକ ଘର ନେଇପାରିବେ ।
- ଭଡ଼ାଗୃହ ପାଇଁ ସ୍ୱତନ୍ତ୍ର ଭାବେ ଆବେଦନ କରିବାକୁ ପଡ଼ିବ ।
- ଘରଭଡ଼ା ଏବଂ ତତ୍‌ସମ୍ବନ୍ଧୀୟ ସର୍ତ୍ତାବଳୀ କର୍ତ୍ତୃପକ୍ଷ ନିର୍ଦ୍ଧାରଣ କରିବେ ।

**ତିନିଚକିଆ ଏବଂ ଚାରିଚକିଆ ଗାଡ଼ି ପାର୍କିଂ :**

- କିଳିପାଳଠାରୁ ପାଇକା ନଦୀବନ୍ଧ ମୁଖ୍ୟରାସ୍ତାରୁ ଅନୁଷ୍ଠାନ ପରିସରକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ ପାର୍କିଂ ହେଉଥିବା ତିନିଚକିଆ ଓ ଚାରିଚକିଆ ଯାନମାନଙ୍କୁ ନିଲାମଧାରୀ ଯଥାକ୍ରମେ ଦଶଟଙ୍କା ଓ କୋଡ଼ିଏ ଟଙ୍କା ପାର୍କିଂ ଫି ଆଦାୟ କରିବେ । ମଟର ସାଇକେଲ୍ ଓ ସରକାରୀ ଯାନବାହାନ ପାର୍କିଂ ଉପରୁ କୌଣସି ପାର୍କିଂ ଫି ଆଦୟ କରାଯିବ ନାହିଁ ।

**ମାଛଚାଷ :**

- ଅନୁଷ୍ଠାନ ପୋଖରୀରେ ମାଛ ଚାଷ ପାଇଁ ତା ୦୧.୦୬.୨୦୨୩ ରିଖଠାରୁ ତା ୩୧.୦୫.୨୦୨୪ ରିଖ ପର୍ଯ୍ୟନ୍ତ (ଏକବର୍ଷ) ଅନୁମତି ପ୍ରଦାନ କରାଯିବ ।
- ନିଲାମଧାରୀ ଅନୁଷ୍ଠାନ ପୋଖରୀରେ ମାଛଚାଷ କରିବା ସଙ୍ଗେ ସଙ୍ଗେ ଆବଶ୍ୟକ ରକ୍ଷଣାବେକ୍ଷଣ ସମେତ ଏହାର ଚତୁଃପାର୍ଶ୍ୱ ପରିଷ୍କାର ପରିଚ୍ଛନ୍ନ କରିବେ ।
- ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ଏବଂ ଜନସାଧାରଣଙ୍କୁ ନିଲାମଧାରୀ ପୋଖରୀଘାଟ ବ୍ୟବହାରରୁ ବଞ୍ଚିତ କରିପାରିବେ ନାହିଁ ।
- ଆବଶ୍ୟକ ସ୍ଥଳେ କର୍ତ୍ତୃପକ୍ଷ ଅନୁମତିର ଅବଧି ଅଧିକ ଦୁଇବର୍ଷ ବୃଦ୍ଧି କରିପାରିବେ ।
- ସେହିପରି କୌଣସି କାରଣ ନଦର୍ଶାଇ ଅବଧି ପୂର୍ବରୁ କର୍ତ୍ତୃପକ୍ଷ ନିଲାମଧାରୀଙ୍କ ଅନୁମତି ରଦ୍ଦ କରିପାରିବେ । ଏ ସଂକ୍ରାନ୍ତରେ ନିଲାମଧାରୀ କୌଣସି ଆଇନ୍ ଅଦାଲତର ଆଶ୍ରୟ ନେଇପାରିବେ ନାହିଁ ।
- ଧାର୍ଯ୍ୟ ସମୟସୀମା ଅତିବାହିତ ହେବା ପରେ ନିଲାମଧାରୀଙ୍କର ପୋଖରୀରେ କୌଣସି ଅଧିକାର ରହିବ ନାହିଁ ।

(Signature) 01.03.23

ତହସିଲଦାର, ତିର୍ତ୍ତୋଲ ଏବଂ
ଇଣ୍ଟରିମ୍ ଟ୍ରଷ୍ଟି
ଦିଗବାରୁଣୀ ଠାକୁରାଣୀ, ଗଉଡ଼ିପୁର